ଗ୍ରାମୀଣ କୃଷି ମୌସମ ସେବା
ଭାରତୀୟ ପାଣିପାଗ ବିଭାଗ
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ମହିଷାପାଟ,ଢେଙ୍କାନାଳ – ୭୫୯୦୧୩



**Deepanjali Dugal,**
**Jr. Agrometeorologist**


ସପ୍ତାହ ସଂଖ୍ୟା -୪୭

ବୁଲେଟିନ ନମ୍ବର :୯୧
ତାରିଖ : ୧୮.୧୧.୨୦୨୫
(ମଙ୍ଗଳବାର)

## ଢେଙ୍କାନାଳ ଜିଲ୍ଲା (ମଧ କେନ୍ଦ୍ରୀୟ ଅଧତ୍ୟକା ଜଳବାୟୁ ମଣ୍ଡଳ)

### ଗତ ସପ୍ତାହର ପାଣିପାଗ ସମ୍ବନ୍ଧୀୟ ସୂଚନା (୧୨.୧୧.୨୦୨୫ ରୁ ୧୮.୧୧.୨୦୨୫)

| | |
|---|---|
| ବୃଷ୍ଟିପାତ (ମି.ମି.) | ୦.୦ |
| ସର୍ବାଧିକ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୨୭.୬-୨୯.୦ |
| ସର୍ବନିମ୍ନ ତାପମାତ୍ରା (ଡିଗ୍ରୀ ସେଲସିୟସ) | ୧୨.୯-୧୪.୬ |

### ଭାରତୀୟ ପାଣିପାଗ ବିଭାଗ ଅନୁଯାୟୀ ଆଗାମୀ ୨୩.୧୧.୨୦୨୫ ତାରିଖ ପର୍ଯ୍ୟନ୍ତ ପାଣିପାଗ ସୂଚନା

| ତାରିଖ | ବୃଷ୍ଟିପାତ (ମି.ମି.) | ତାପମାତ୍ରା (ଡି.ସେ.) | | ସର୍ବମୋଟ ମେଘାଛାନ୍ନତା (ଅକ୍ଟା) | ଆପେକ୍ଷିକ ଆର୍ଦ୍ରତା (%) | | ପବନର ବେଗ (କି.ମି./ଘ.) | ପବନର ଦିଗ |
|---|---|---|---|---|---|---|---|---|
| | | ସର୍ବାଧିକ | ସର୍ବନିମ୍ନ | | ସର୍ବାଧିକ | ସର୍ବନିମ୍ନ | | |
| 19-11-2025 | 0 | 31 | 14 | 0 | 79 | 36 | 6 | 318 |
| 20-11-2025 | 0 | 31 | 15 | 0 | 82 | 38 | 5 | 326 |
| 21-11-2025 | 0 | 32 | 15 | 0 | 86 | 45 | 5 | 326 |
| 22-11-2025 | 0 | 32 | 16 | 1 | 88 | 47 | 4 | 338 |
| 23-11-2025 | 0 | 32 | 16 | 2 | 86 | 42 | 3 | 342 |

### ଆଗାମୀ ୫ ଦିନର ପାଣିପାଗ ସୂଚନା:

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଢେଙ୍କାନାଳ ଜିଲ୍ଲାରେ ଆଗାମୀ ୫ଦିନ ବର୍ଷା ନାହିଁ । ଆକାଶ ପରିଷ୍କାରରୁ ମୁଖ୍ୟତଃ ପରିଷ୍କାର ରହିବ । ଆଗାମୀ ୫ଦିନ ପବନ ୦୩-୦୬ କି.ମି. ପ୍ରତି ଘଣ୍ଟା ବେଗରେ ପ୍ରବାହିତ ହେବାର ସୂଚନା ରହିଛି । ସର୍ବୋଚ୍ଚ ତାପମାତ୍ରା ୩୧-୩୨ ଡି.ସେ. ମଧ୍ୟରେ ଓ ସର୍ବନିମ୍ନ ତାପମାତ୍ରା ୧୪-୧୬ ଡି.ସେ. ମଧ୍ୟରେ ରହିବାର ସମ୍ଭାବନା ଅଛି। ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା ୭୯ ରୁ ୮୮ ପ୍ରତିଶତ ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ୍ ଆର୍ଦ୍ରତା ୩୬-୪୭ ପ୍ରତିଶତ ମଧ୍ୟରେ ରହିବ ।

**ଚେତାବନୀ:** କୌଣସି ଚେତାବନୀ ନାହିଁ ।

## କୃଷି ସୂଚନ

### ସାଧାରଣ ଉପଦେଶ

- ବର୍ତମାନ ପାଇରା ଚାଷ କରିବାର ଉପଯୁକ୍ତ ସମୟ, ଯାହାକି ଧାନ କଟିବାର ୧୫ ଦିନ ପୂର୍ବରୁ କରାଯାଇଥାଏ ।
- ଅମଳ ପରେ ଧାନ, ଚିନାବାଦାମ ଓ ରାଶି ଆଦି ଖରିଫ ଫସଲକୁ ଭଲ ଭାବେ ୨ରୁ ୩ ଦିନ ଖରାରେ ଶୁଖାଇ HDPE ବ୍ୟାଗରେ ସାଇତି ରଖନ୍ତୁ ।
- ରବି ଫସଲ ଯଥା ସୂର୍ଯ୍ୟମୁଖୀ, ବୁଟ ଓ ମଟର ଆଦିର ବୁଣିବା ଆରମ୍ଭ କରନ୍ତୁ ।
- ଶୀତ ଦିନିଆ ପନିପରିବା କୋବି, ବାଇଗଣ, ଟମାଟୋ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣିରେ ପ୍ରତି ୦.୫ ଗ୍ରାମ Emamectin benzoate କିମ୍ବା ୦.୪ ଗ୍ରାମ Spinosad ପ୍ରୟୋଗ କରନ୍ତୁ ।
- ପନିପରିବା ଚାରା ଅବସ୍ଥାରେ ପଲିଥିନ ଦ୍ୱାରା ଆଛାଦିକରଣ ବ୍ୟବସ୍ଥା କରନ୍ତୁ ଯାହା ମାଟିର ବାଷ୍ପିକରଣ କମାଇବା ସହ ମାଟି ତାପମାତ୍ରା ନିୟନ୍ତ୍ରଣରେ ସହାୟକ ହେବ ।

| ଫସଲ | ଅବସ୍ଥା | ପାଣିପାଗ ଭିତ୍ତିକ କୃଷି ପରାମର୍ଶ |
|---|---|---|
| ଧାନ | ଅମଳ ଅବସ୍ଥା | • ସଅଳ କିସମ ଧାନ କେଣ୍ଡାରେ ଶତକଡା ୮୫ ଭାଗ ପାଚି ଯାଇଥିଲେ ଓ ସୁନେଲି ରଙ୍ଗର ହୋଇଯାଇଥିଲେ କାଟି ନିଅନ୍ତୁ ।<br>• ବେଙ୍ଗଲା ପରେ ଧାନକୁ ଭଲ ଭାବେ ୨ରୁ ୩ ଦିନ ଖରାରେ ଶୁଖାଇ HDPE ବ୍ୟାଗରେ ସାଇତି ରଖନ୍ତୁ । ବିହନ ପାଇଁ ୧୨ ଶତକଡା ପର୍ଯ୍ୟନ୍ତ ଆର୍ଦ୍ରତା ଓ ଖାଦ୍ୟ ଉପଯୋଗୀ ପାଇଁ ୧୪ ଶତକଡା ପର୍ଯ୍ୟନ୍ତ ଆର୍ଦ୍ରତା ରଖନ୍ତୁ । |
| ଆଖୁ | ପାକଳ ଅବସ୍ଥା | • ଆଖୁ ଫସଲରେ କାଡି ପୋକର ଜୈବିକ ଉପାୟରେ ନିୟନ୍ତ୍ରଣ କରିବା ପାଇଁ ଏକ ଏକରକୁ ଗୋଟିଏ ଲେଖାଏଁ Trichogramma chilonis କାର୍ଡ ପ୍ରତି ସପ୍ତାହ ଅନ୍ତରରେ ୬ଥର ବ୍ୟବହାର କରନ୍ତୁ । ରାସାୟନିକ ଉପାୟରେ ଏହି ପୋକର ପରିଚାଳନା ପାଇଁ ଏକ ଏକର ପ୍ରତି ୬୦ଗ୍ରାମ Thiamethoxam କିମ୍ବା ୭୦ ମିଲି Imidacloprid କିମ୍ବା ୭୦ ଗ୍ରାମ Acetamiprid, ୨୦୦ଲିଟର ପାଣିରେ ମିଶାଇ ଜମିରେ |

| | | |
|---|---|---|
| | | ପ୍ରୟୋଗ କରନ୍ତୁ । |
| ମୁଗ ଓ ବିରି | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ବିହନ ବୁଣିବାର ଦୁଇ ଦିନ ମଧ୍ୟରେ ଘାସ ନିୟନ୍ତ୍ରଣ ପାଇଁ ମାଟି ବତର ଥିବା ଅବସ୍ଥାରେ ଏକର ପ୍ରତି ୧ ଲିଟର Pendimethalin ନାମକ ଘାସମରା ଔଷଧ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ । |
| ସୋରିଷ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ବର୍ତମାନ କୋହଲା ପାଗ ଥିବା ଯୋଗୁଁ ସୋରିଷରେ ଜଉ ପୋକ ଲାଗିବାର ସମ୍ଭାବନା ରହିଛି । ପ୍ରାଥମିକ ଅବସ୍ଥାରେ ଜଉ ପୋକର ପରିଚାଳନା ପାଇଁ ଏକର ପ୍ରତି ୮ଟି ହଳଦିଆ ଅଠାଯୁକ୍ତ ଯନ୍ତା ରଖନ୍ତୁ। ଏକର ପ୍ରତି ୬୦୦ମିଲି ନିମ୍ବ ଜାତ କୀଟନାଶକ ୧୫୦୦ ପିପିଏମକୁ ୨୦୦ ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ।<br>• ପୋକ ଆକ୍ରମଣ ଅଧିକ ଦେଖାଦେଲେ ଜଉ ପୋକର ରାସାୟନିକ ଉପାୟ ରେ ପରିଚାଳନା ପାଇଁ ଏକର ପ୍ରତି ୪୦ଗ୍ରାମ ଥାୟାମେଥୋଜାମ (Thiamethoxam)ନାମକ କୀଟନାଶକ କିମ୍ବା ୫୦ଗ୍ରାମ ଏସିଟାମିପ୍ରିଡ (Acetamiprid) ନାମକ କୀଟନାଶକ, ୨୦୦ ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ । |
| ଚିନାବାଦାମ | ବୁଣିବା ପୂର୍ବ ଅବସ୍ଥା | • ବିହନ ବୁଣିବା ପୂର୍ବରୁ ବିହନକୁ ଭଲ ଭାବେ ଖରାରେ ଶୁଖାଇ, ଏକ କିଲୋଗ୍ରାମ ବିହରେ ୨ଗ୍ରାମ-Carbendazim ନାମକ ଫିମ୍ପିନାଶକ କିମ୍ବା ୩-ଗ୍ରାମ Carboxin ଓ Thiram ର ମିଳିତ ଫିମ୍ପିନାଶକ ବିଶୋଧନ କରନ୍ତୁ । ଏହାର ସାତ ଦିନ ପରେ, ବୁଣିବା ଦିନ ୨୦ ଗ୍ରାମ ରାଇଜୋବିୟମ କଲଚର କୁ ଏକ କିଲୋଗ୍ରାମ ବିହନରେ ମିଶାଇ ଉପଚାର କରନ୍ତୁ । |
| ବାଇଗଣ | ଫଳ ଧରିବା ଅବସ୍ଥା | • ଗଣ୍ଡି ଓ ଫଳ ବିନ୍ଧା ପୋକର ପରିଚାଳନା ପାଇଁ ଏକର ପ୍ରତି leucin lure ଥିବା ସଙ୍ଗ ଆକର୍ଷକ ଯନ୍ତାରୁ ୨୦ ଟି ରଖନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି କୀଟର ପରିଚାଳନା ପାଇଁ ଏକର ପ୍ରତି ୬୦୦ ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ ପିପିଏମ Azadirachtin କୁ ୨୦୦ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ। ପରେ ଏକର ପ୍ରତି ୭୫-ମି.ଲି Spinosad ନାମକ କୀଟନାଶକ କିମ୍ବା ୮୦-ଗ୍ରାମ Emamectin Benzoate ନାମକ ଔଷଧ ଅଦଳ ବଦଳ କରି ପ୍ରତି ୧୫-ଦିନ ଅନ୍ତରରେ ସିଂଚନ କରନ୍ତୁ । |
| ଟମାଟୋ | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ଟମାଟୋ ରେ ଧଳା ମାଛିକୁ ଆକୃଷ୍ଟ କରିବା ପାଇଁ ଏକର ପ୍ରତି ୮ ରୁ ୧୦ ଟି ହଳଦିଆ ଅଠା ଯନ୍ତା ବ୍ୟବହାର କରନ୍ତୁ । ପ୍ରାଥମିକ ଅବସ୍ଥାରେ ଏହି ପୋକର ପରିଚାଳନା ପାଇଁ ଏକର ପ୍ରତି ୬୦୦-ମିଲି ନିମ୍ବ ଆଧାରିତ କୀଟନାଶକ ୧୫୦୦ PPM Azadirachtin କୁ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ ।<br>• ରାସାୟନିକ ଉପାୟରେ ଟମାଟୋ ଫସଲରେ ଧଳାମାଛିର ପରିଚାଳନା ପାଇ ଏକର ପ୍ରତି ୪୦-ଗ୍ରାମ Thiamethoxam ନାମକ କୀଟନାଶକ କିମ୍ବା ୨୦୦-ମିଲି Pyriproxifen ନାମକ କୀଟନାଶକ କିମ୍ବା ୨୫୦-ମିଲି Spiromesifen ନାମକ କୀଟନାଶକ ୨୦୦-ଲିଟର ପାଣିରେ ମିଶାଇ ସିଂଚନ କରନ୍ତୁ । |
| କୋବି ଜାତୀୟ ପନିପରିବା | ଅଙ୍ଗୀୟ ବୃଦ୍ଧି ଅବସ୍ଥା | • ଶୀଘ୍ର ଓ ଅଧିକ ଅମଳ ପାଇଁ ଏକର ପ୍ରତି ୭୫ ମିଲି Gibberellic Acid ନାମକ ହରମୋନ, ଚାରା ଲାଗେଇବାର ୪୫ ଓ ୬୫ ଦିନ ବେଳକୁ ଦୁଇଥର ସିଂଚନ କରନ୍ତୁ। ମାଟିର ବତର ଦେଖି ପ୍ରତି ୭ ରୁ ୮ ଦିନ ବ୍ୟବଧାନ ରେ ଜଳସେଚନ କରନ୍ତୁ। |
| କଖାରୁ ଜାତୀୟ ପନିପରିବା | ଫୁଲ ଓ ଫଳ ଧରିବା ଅବସ୍ଥା | • ନାଲି କଖାରୁ ପୋକ ପରିଚାଳନା ପାଇଁ ଏକର ପ୍ରତି ୪୦୦-ଗ୍ରାମ ସ୍ୟାନଟ୍ରାନିଲିପ୍ରୋଲ (Cyantraniliprole) ନାମକ କୀଟନାଶକ କିମ୍ବା ୬୦-ମିଲିଇମିଡାକ୍ଲୋପ୍ରିଡ (Imidacloprid) ନାମକ କୀଟନାଶକ କିମ୍ବା ୪୦୦-ମିଲି କ୍ଲୋରୋପାଇରିଫସ (Chlorpyriphos) ନାମକ କୀଟନାଶକ, ୨୦୦-ଲିଟର ପାଣି ରେ ମିଶାଇ ସିଞ୍ଚନ କରନ୍ତୁ। |
| କଦଳୀ | ଲଗାଇବା ଅବସ୍ଥା | • ନଭେମ୍ବର ମାସ ହେଉଛି ବାମନ କଦଳୀ ଲଗାଇବାର ପ୍ରକୃଷ୍ଟ ସମୟ । କ୍ୟାଭେଣ୍ଡିସ ଓ ରୋବଷ୍ଟା ଆଦି କିସମ ୨ X ୨ ମିଟର ଦୂରତା ରେ ୦.୫ X ୦.୫ X ୦.୫ ମିଟର ଗାତ କରି ଲଗାନ୍ତୁ । ୩୦୦ ରୁ ୪୦୦ ଗ୍ରାମ ଓଜନର ରୋଗ ବିହୀନ ପୁଆ କିମ୍ବା ଟିସୁ କଲଚର ପୁଆ ଲଗାନ୍ତୁ । |
| ପଶୁ ସମ୍ପଦ | • ଶୀତ ଦିନେ ତାପମାତ୍ରା ହ୍ରାସ ପାଉଥିବାରୁ ଗାଇଗୋରୁଙ୍କୁ ଅଧିକ ମାତ୍ରାରେ ଖାଦ୍ୟ ଆବଶ୍ୟକ ହୋଇଥାଏ । ଦୁଗ୍ଧ ଉତ୍ପାଦନ ବଢେଇବା ପାଇଁ ଘାସ ଜାତୀୟ ଗୋଖାଦ୍ୟ ଅଧିକ ମାତ୍ରାରେ ଖାଇବାକୁ ଦିଅନ୍ତୁ । ମଇଁଷି ଓ ଗାଇଗୋରୁ ମାନଙ୍କ ଶରୀର ତାପମାତ୍ରା ବଜାୟ ରଖିବା ପାଇଁ ମକା, ଗହମ ଓ ତେଲ ପିଡିଆ @ ୩ କେଜି ଗୋଖାଦ୍ୟ ରୂପେ ଦିଅନ୍ତୁ।<br>• ଶୀତ ଋତୁରେ ଗାଇଗୋରୁ ମାନଙ୍କୁ ବାୟୁ ଚଳପ୍ରଚଳ ହେଉଥିବା ଗୁହାଳ ଘରେ ରଖନ୍ତୁ । ଗୁହାଳର ଚଟାଣ ସଫା ଓ ଶୁଖିଲା ରଖନ୍ତୁ, ଗାଇଗୋରୁ ଶୋଇବା ସ୍ଥାନରେ ନଡା ବିଛେଇ ଦିଅନ୍ତୁ । | |

ସହଯୋଗୀ ଗବେଷଣା ନିର୍ଦ୍ଦେଶକଙ୍କ ଦ୍ୱାରା ସ୍ୱୀକୃତ

ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ଚାରା,QPM,ଟିସୁ କଲଚର ଗଛ,ଫଳ ଓ ପନିପରିବା,ଯାଆଁଳ,କୁକୁଡା ଚିଆଁ,ଛତୁ,ଛତୁ ମଞ୍ଜି,ଜୈବିକ ସାର,ଜୈବିକ କୀଟନାଶକ,ଜିଆ ଖତ,କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android: https://play.google.com/store/apps/details?id=com.aas.meghdoot)

(iOS: https://apps.apple.com/in/app/meghdoot/id1474048155)